# ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ବିଜ୍ଞାପନ ସଂଖ୍ୟା 2085 ତା 5.3.2020

ଫୋନ ନଂ : **06752-222002** ଇ.ମେଲ : **jagannath.or@nic.in**

## ଲଘୁଖଣିଜ ମାଙ୍କଡା ପଥର ଓ ମୋରମ ଖଣିର ଦୀର୍ଘମିଆଦି ଲିଜ ଜନିତ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ,ପୁରୀଙ୍କ ଅଧିନସ୍ଥ ଖୋରଧା ଜିଲ୍ଲା ଅନ୍ତର୍ଗତ ଲଘୁ ଖଣିଜ ମାଙ୍କଡା ପଥର ଓ ମୋରମ ଖଣିଗୁଡିକ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ୍‌ସୂତ୍ରେ ନିଲାମ ସ୍ଥିର କରାଯିବ । ଏହି ନିଲାମ ପ୍ରକ୍ରିୟାର ସମସ୍ତ ସବିଶେଷ ବିବରଣୀ ଓ ନିୟମାବଳୀ www.khordha.nic.in ଓ www.jagannath.nic.in website ରେ ଉପଲବ୍ଧ ଅଟେ । ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ନିଜ ନିଜର ଲିଜ ଦରଖାସ୍ତ ଶ୍ରୀମନ୍ଦିର କାର୍ଯ୍ୟାଳୟ,ପୁରୀରେ କେବଳ ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ ଦ୍ୱାରା ଧାର୍ଯ୍ୟ ତାରିଖ ମଧ୍ୟରେ ପଠାଇବାକୁ ଜଣାଇଦିଆଗଲା । ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ମୁଦ୍ରିତ ଟେଣ୍ଡର(Sealed Tender) ଗ୍ରହଣ କରିବାର ଶେଷ ତାରିଖ ତା.**୦୩.୦୪.୨୦୨୦**ରିଖ ଅପରାହ୍ଣ **୫.୦୦ ଘଟିକା ଅଟେ ।**

ଉପ-ଜିଲ୍ଲାପାଳ,ଖୋର୍ଦ୍ଧା-ତଥା
 କ୍ଷମତାସମ୍ପନ୍ନ ଅଧିକାରୀ

By website
Office Notice Board

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

NO: XVIII – 11/10/ 2082 / Date 4.3.2020

## ଲଘୁ ଖଣିଜ ତଥା ମାଙ୍କଡା ପଥର ଓ ମୋରମ ଖାଦାନ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ-ପୁରୀଙ୍କ ଅଧିନସ୍ଥ ଖୋରଧା ଜିଲ୍ଲା ଅନ୍ତର୍ଗତ ମାଙ୍କଡାପଥର ଏବଂ ମୋରମ ଖାଦାନ ଗୁଡିକ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ୍ ସଂଲଗ୍ନ ବିବରଣୀ ମୁତାବକ ପ୍ରଦାନ କରାଯିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ/ଅନୁଷ୍ଠାନ OMMC Rules, 2016 ର Form-M ପୁରଣ କରି ଏହାର ତିନି କପି ସହ ଅପର ପାର୍ଶ୍ୱରେ ଉଲ୍ଲେଖିତ ଦଲିଲ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ (Sealed Cover) ରେ ଆବେଦନ କରିବେ, ଯାହାକି, ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ପୁରୀରେ **କେବଳ ରେଜିଷ୍ଟ୍ରି ଡାକ/ସ୍ପିଡ୍ ପୋଷ୍ଟ** ଦ୍ୱାରା ଗ୍ରହଣ କରାଯିବ । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କ୍ରମିକ ସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ । ଲଫାପା ଉପରେ ସୈରାତ ଉତ୍ସର ନାମ ନରହିଲେ ଏହା ବିଚାରକୁ ନିଆଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । କୌଣସି କାରଣ ନଦର୍ଶାଇ ଲିଜକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କର ଅଛି । ଲିଜ୍ ଆବେଦନ ପାଇଁ ଦରଖାସ୍ତ/ Sealed Tender ଗ୍ରହଣର **ଶେଷ ତାରିଖ୦୩.୦୪.୨୦୨୦** ଅପରାହ୍ନ **୫** ଘଟିକା ଅଟେ । ନିମ୍ନ ନିଲାମ ସୂଚୀ ଅନୁଯାୟୀ ଦରଖାସ୍ତକାରୀ ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲାଯାଇ ସର୍ବୋଚ୍ଚ ବା ସର୍ବାଧିକ ମୂଲ୍ୟ ଯଥା ମାଙ୍କଡା ପଥର(Laterite)ର ବାର୍ଷିକ ଅନ୍ୟୁନ ପ୍ରତିଶ୍ରୁତ ପରିମାଣ(MGQ) X ଦରଖାସ୍ତକାରୀଙ୍କ ଦ୍ୱାରା ଉଲ୍ଲେଖିତ ଅତିରିକ୍ତ ମୂଲ୍ୟ (Quoted Additional Charge) + ମୋରମର ବାର୍ଷିକ ଅନ୍ୟୁନ ପ୍ରତିଶ୍ରୁତ ପରିମାଣ(MGQ)X ସେହି ଦରଖାସ୍ତକାରୀଙ୍କ ଦ୍ୱାରା ଉଲ୍ଲେଖିତ ମୂଲ୍ୟ(Quoted Additional Charge) ଦର୍ଶାଉଥିବା ଦରଖାସ୍ତକାରୀଙ୍କୁ ଯଦି ଆନୁସଙ୍ଗିକ କାଗଜାତ୍/ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ୍ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଖାଦାନ (ମାଙ୍କଡା ପଥର ଓ ମୋରମ) ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇଥିଲେ ଲଟେରି ମାଧ୍ୟମରେ ସଫଳ ନିଲାମଧାରୀଙ୍କୁ ସ୍ଥିର କରାଯିବ ।

## ସୂଚୀ

| କ୍ର.ସଂ | ଟେଣ୍ଡର ଦରଖାସ୍ତ ଖୋଲା ହେବାର କାର୍ଯ୍ୟ ନିର୍ଘଣ୍ଟ | | | ସଂଲଗ୍ନ ସାରଣୀରେ ଉଲ୍ଲେଖିତ ଖଣିର କ୍ର.ସଂ |
|---|---|---|---|---|
| | ତାରିଖ | ସମୟ | ସ୍ଥାନ | |
| ୧ | **୦୮.୦୪.୨୦୨୦** | ଦିବା ୧୧ ଘଟିକା | ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ପୁରୀ | ୧-୧୩ |
| ୨ | **୦୯.୦୪.୨୦୨୦** | ଦିବା ୧୧ ଘଟିକା | ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ପୁରୀ | ୧୪-୨୨ |

ଏହି ସୈରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ www.khordha.nic.in/ www.jagannath.nic.in (website)ରେ ଉପଲବ୍ଧ ହେବ । ଏହା ବ୍ୟତୀତ ଏଥି ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ଶ୍ରୀମନ୍ଦିର କାର୍ଯ୍ୟାଳୟ,ପୁରୀ/ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ,ଜଟଣୀ/ଉପ ଜିଲ୍ଲାପାଳ, ଖୋରଧାଙ୍କ କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଦିବସରେ ଘ୧୦ଟିକା ଠାରୁ ଘ୫ ଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବିଶେଷ/ସଂସ୍ଥା ଜଉମୁଦ ଲଫାଫା ଆବେଦନ ପତ୍ରଗୁଡିକୁ ପ୍ରଶାସକ ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ପୁରୀଙ୍କ ଠିକଣାରେ ପଠାଇବେ, ନଚେତ୍ ଏହା ସ୍ୱତଃ ନାକଚ୍ ହୋଇଯିବ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/କାଗଜାତ୍**

୧. ଦରଖାସ୍ତ ସହ (ଅଣ ଫେରସ୍ତ) ଟ.୧୦୦୦/-(ଏକ ହଜାର ଟଙ୍କା) ପ୍ରଶାସକ, ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ପୁରୀ ଙ୍କ ନାମେ Demand draft ।

୨. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଯଥା ଖାତା, ପ୍ଲଟ,ରକବା (Land Schedule) ଓ ନକ୍ସା (quarry lease plan) ।

୩. ଲଘୁଖଣିଜ ନିୟାମାବଳୀ ୨୦୧୬ ଆଧାରରେ, ଦରଖାସ୍ତକାରୀଙ୍କ ଉପରେ କୌଣସି ବକେୟା ଅର୍ଥ ପୈଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୪. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସି ସାର୍ଟିଫିକେଟ୍ ବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ)ର ଏକ ବର୍ଷର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ (Offered additional Charge) ଠାରୁ କମ୍ ହୋଇନଥିବ ଓ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ପ୍ରମାଣ ପତ୍ର । (ନିର୍ଦ୍ଦିଷ୍ଟ ରାଶିଠାରୁ କମ୍ ହେବ ନାହିଁ ) (A solvency Certificate or Bank guarantee valid for a period of Eighteen Months for an amount of not less than the amount of additional charge offered plus the royalty payable for the MGQ for one whole year and a list of immovable properties from the Revenue Authority)

୫. Income Tax Clearance Certificate or an affidavit stating therein that no income tax is pending against the applicant.

୬. ନିଜର ଭୋଟର ପରିଚୟ ପତ୍ର(EPIC)/PAN Card/Aadhaar Card.

୭. EMDର ପ୍ରମାଣ ପତ୍ର ଯାହାକି ନୋଟିସ୍ ଦର୍ଶିତ ସର୍ବନିମ୍ନ ସ୍ଥିରିକୃତ ପରିମାଣ(MGQ)ର ପୁରା ଏକ ବର୍ଷର ଅତିରିକ୍ତ ମୂଲ୍ୟ (Additional Charge) ଯୁକ୍ତ ଏକ ବର୍ଷର ରୟାଲିଟି ମୂଲ୍ୟର ଶତକଡା ୫ ରୁ କମ୍ ହୋଇନଥିବାର Demand Draft ପୈଠର ରସିଦ ।

**ସର୍ତ୍ତାବଳୀ**

୧. ଆବେଦନକାରୀମାନେ ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ର ପରିସର ଭୁକ୍ତ ରହିବେ ।

୨. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି, ସୈରାତ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶ ଗ୍ରହଣ କରିବେ । ଯେଉଁ ସୈରାତ ଉତ୍ସଗୁଡିକୁ ସରକାରୀ ରାସ୍ତା ନାହିଁ , ସେଥିରେ ଲିଜ ନେଇଥିବା ବ୍ୟକ୍ତିବିଶେଷ ସୈରାତ ଉତ୍ସକୁ ଗମନାଗମନାର ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟିତ୍ୱରେ କରିବେ ।

୩. ପ୍ରଚଳିତ ନିୟମାବଳୀ ଅନୁଯାୟୀ Form-M ଉପରେ ଦରଖାସ୍ତକାରୀ ପୃଥକ ଭାବେ ମୋରମ ଓ ମାଙ୍କଡା ପଥର ପାଇଁ ଅତିରିକ୍ତ ମୂଲ୍ୟ (Additional Charge) ଦର୍ଶାଇବେ । ଯଦି କୌଣସି ଦରଖାସ୍ତକାରୀ ଧାର୍ଯ୍ୟ ଅନ୍ୟୁନ ଅତିରିକ୍ତ ମୂଲ୍ୟ କିମ୍ବା ତାଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ସେହି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୪. ଲିଜ୍‌ରେ ସୈରାତ୍ ପରିଚାଳନା ସମ୍ପର୍କରେ ପରବର୍ତ୍ତୀ ସମୟରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ, ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ,୨୦୧୬ ଆଧାରରେ ଏହା ପରିଚାଳିତ ହେବ ।

୫. ଚୟନ ହୋଇଥିବା ଲିଜଧାରୀଙ୍କୁ ୭ ଦିନ ମଧ୍ୟରେ Form-F ଜରିଆରେ ତାଙ୍କ ଚୟନ ବିଷୟ ଓ ଲିଜଜନିତ ସର୍ତ୍ତାବଳୀ ଜଣାଇଦିଆଯିବ ଏବଂ ଜଣାଇବାର ୧୫ ଦିନ ମଧ୍ୟରେ ଚୟନକାରୀ ଯଦି ଏହା ତାଙ୍କୁ ଗ୍ରହଣୀୟ ହୁଏ, ତେବେ ସେ ଲିଖିତ ଭାବରେ ଜଣାଇବେ । ଏହା ସହିତ ଚୟନକାରୀ ଏକ ବର୍ଷର ସର୍ବନିମ୍ନ ସ୍ଥିରିକୃତ ଲଘୁଖଣିଜ ଦ୍ରବ୍ୟର ରୟାଲିଟିର ମୂଲ୍ୟ ଏବଂ ଅତିରିକ୍ତ ମୂଲ୍ୟ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନଙ୍କୁ ଦେୟ ସର୍ବମୋଟ ମୂଲ୍ୟର ଏକ ଚତୁର୍ଥାଂଶ ଯାହା ହେବ, ସେଥିରୁ ପୂର୍ବରୁ ଡିପୋଜିଟ୍ କରିଥିବା EMD ବିୟୋଗ ପରର ମୂଲ୍ୟ ଯାହା ହେବ ତାକୁ ପଇଠ କରିବେ ଏବଂ ଏହି ପୈଠ ମୂଲ୍ୟ ସହ EMD ଡିପୋଜିଟ୍ ମୂଲ୍ୟକୁ ଏକତ୍ର ମିଶାଇଲେ ଯେଉଁ ରାଶି ହେବ ତାହା ସୁଧବିହୀନ ଅମାନତ ଜମା ବୋଲି ବିବେଚନା ହେବ ।

୬. ଯଦି ସଫଳ ନିଲାମଧାରୀ (Successful bidder) ଉପର ଦର୍ଶିତ ଅନୁଚ୍ଛେଦ(ପାରା) ଆଧାରରେ ଧାର୍ଯ୍ୟ ରୟାଲିଟି ମୂଲ୍ୟ ଇତ୍ୟାଦି ତଥା ଅମାନତ ରାଶି ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଦାଖଲ କରିବାରେ ଖିଲାପ କରନ୍ତି ତାହା ହେଲେ ତାଙ୍କ ଦ୍ୱାରା ଦାଖଲ ହୋଇଥିବା EMD କୁ ବାଜ୍ୟାପ୍ତି କରାଯିବ ଓ ପରବର୍ତ୍ତୀ ଦ୍ୱିତୀୟ ସର୍ବାଧିକ ଆବେଦନକାରୀଙ୍କୁ ଲିଜ୍ ପ୍ରଦାନ ପାଇଁ ଚୟନ କରାଯିବ । ନିଲାମଧାରୀ ଚୟନ ପରେ ଅକୃତ କାର୍ଯ୍ୟ ନିଲାମଧାରୀମାନଙ୍କୁ ସେମାନଙ୍କ EMD ଫେରସ୍ତ କରାଯିବ ।

୭. ନିଲାମ ପ୍ରକ୍ରିୟା ପରିସମାପ୍ତି ପରେ ସଫଳ ନିଲାମଧାରୀଙ୍କୁ ସାତଦିନ ମଧ୍ୟରେ ତାଙ୍କୁ ମିଳିଥିବା ଖଣିର Topographical Survey ପାଇଁ ନୋଟିସ୍ ଦିଆଯିବ । ଧାର୍ଯ୍ୟ ତାରିଖରେ ତାଙ୍କ ଉପସ୍ଥିତିରେ ଖଣି ପରାମର୍ଶଦାତାଙ୍କ ସର୍ଭେଦଳ ଦ୍ୱାରା ଖଣିର Survey ସମାପ୍ତ କରାଯିବ । ସର୍ଭେ ସମ୍ବଳିତ ତଥ୍ୟ (Surveyed data) ଅନୁଯାୟୀ Surface plan ତିଆରି କରାଯିବ । ଉଭୟ ପକ୍ଷ (ଶ୍ରୀମନ୍ଦିର ପ୍ରଶାସନ ଓ ସଫଳ ନିଲାମଧାରୀ) ଉକ୍ତ Surface plan ରେ ଦସ୍ତଖତ କରିବେ । ଉକ୍ତ Surface plan ରେ ଦର୍ଶାଯାଇଥିବା Topography ଯଦି ପରବର୍ତ୍ତି ପର୍ଯ୍ୟାୟରେ ପରିବର୍ତ୍ତନ ହୁଏ ତେବେ ପରିବର୍ତ୍ତନ ଜନିତ ଉତ୍ତୋଳନ ପାଇଁ ସଫଳ ନିଲାମଧାରୀ ଦାୟୀ ରହିବେ ।

୮. ସଫଳ ନିଲାମଧାରୀ(Successful bidder) ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ, ନିଜ ଖର୍ଚ୍ଚରେ Mining Plan ପ୍ରସ୍ତୁତ କରାଇବେ, ଏବଂ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଅନୁମତି ନିଜ ଖର୍ଚ୍ଚ ଓ ଦାୟିତ୍ୱରେ ହାସଲ କରିବେ । ଲିଜଧାରୀ ପରିବେଶ ମ୍ୟାନେଜମେଣ୍ଟ ପ୍ଲାନ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଦାୟୀ ରହିବେ ।

୯. ନିର୍ଦ୍ଧାରିତ ସମୟସୀମା ମଧ୍ୟରେ Mining Plan/Environment Clearance ପ୍ରାପ୍ତି ସମ୍ବନ୍ଧୀୟ କାଗଜାତ୍ ଦାଖଲ ନକଲେ ଲିଜ୍‌ଧାରୀଙ୍କ ଅମାନତ ରାଶି ବାଜ୍ୟାପ୍ତି କରାଯିବ । Environment Clearance ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଓ ଋତୁ ପରିବର୍ତ୍ତନ ବିଭାଗ, ବିଜ୍ଞାପନ ସଂଖ୍ୟା S.O.141(E), New Delhi Dt.15.01.16 ଦ୍ୱାରା ନିର୍ଦ୍ଧାରିତ ହେବ । ସଫଳ ନିଲାମଧାରୀ ତାଙ୍କୁ ପ୍ରାପ୍ତ ହୋଇଥିବା ଖଣିର ରକ୍ଷଣାବେକ୍ଷଣ ଓ ବେଆଇନ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ସଫଳ ନିଲାମଧାରୀ ଭାବେ ବିବେଚିତ ହେବା ଦିନ ଠାରୁ ଉତ୍ତରଦାୟୀ ରହିବେ ।

୧୦. Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପରିମାଣ ଯାହାକି MGQ ଠାରୁ କମ୍ ହୋଇନଥିବ ଏହାର ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ,DMFF,EMF ଏବଂ Compensatory afforestation,dead rent & surface rent ରାଶିକୁ Environment Clearance ଆଣିସାରିଲା

ପରେ OMMC Rules,2016 ଅନୁଯାୟୀ ଏକକାଳୀନ ପଇଠ କରିବେ । ନିୟମ ମୁତାବକ ସଫଳ ନିଲାମଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପର୍ଷଦ (State Pollution Control Board) ଠାରୁ Consent to Establish(CTE) , Consent to Operate(CTO) ଓ ପ୍ରଥମ ବର୍ଷର ଧାର୍ଯ୍ୟ ରାଶି ପଇଠ କଲା ପରେ ସଫଳ ନିଲାମଧାରୀ(Successful bidder) ରେଜିଷ୍ଟ୍ରେସନ ଆକ୍ଟ,୧୯୦୮ ଓ ଷ୍ଟାମ୍ପ ଆକ୍ଟ, ୧୯୯୯ ଅନୁଯାୟୀ ଚୁକ୍ତିପତ୍ର (Execution of lease deed) ସମ୍ପାଦନ କରିବେ ।

୧୧. ଲିଜଧାରୀ ଜମା ରୟାଲିଟିର ୨% ଅର୍ଥ ଆୟକର ବାବଦକୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଖଲ କରିବେ ।

୧୨. ଲିଜଧାରୀ ସରକାରଙ୍କ ଧାର୍ଯ୍ୟ ଅର୍ଥ Environment Management Fund ବାବଦକୁ ଦାଖଲ କରିବେ ।

୧୩. ପ୍ରଚଳିତ ନିୟମ ଅନୁଯାୟୀ Schedule-I & II ର ଧାର୍ଯ୍ୟ ଦର ଲାଗୁ ହେବ ଏବଂ ଏହା ସରକାରଙ୍କ ଦ୍ୱାରା ପରିବର୍ତ୍ତନ ହେବ ଓ ସମ୍ପୃକ୍ତ ଲିଜ୍‌ଧାରୀ ପରିବର୍ତ୍ତିତ ମୂଲ୍ୟରେ ଯଦି ବର୍ଦ୍ଧିତ ରୟାଲିଟି ଅନୁମୋଦିତ ରୟାଲିଟିଠାରୁ ଅଧିକ ହୋଇଥାଏ, ତେବେ ତାହା ଦେବାକୁ ବାଧ୍ୟ ହେବେ ।

୧୪. ଲିଜ୍‌ଧାରୀଙ୍କୁ ପ୍ରତି ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟର Dead Rent ଏବଂ Surface rent ଦେବାକୁ ପଡିବ ।

୧୫. ଲିଜଧାରୀ ଜିଲ୍ଲା ପ୍ରଶାସନକୁ ତାଙ୍କ ଦ୍ୱାରା ସ୍ଥିରିକୃତ ଆନୁପାତିକ ମୂଲ୍ୟ, ଜଳସିଞ୍ଚନ ଓ ବନୀକରଣ ବାବଦରେ ପୈଠ କରିବେ ।

୧୬. ଲିଜଧାରୀ ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ରହିବେ ।

୧୭. ଲିଜଧାରୀ Mines Act,1952 ଏବଂ Explosive Act,1984,Pollution Act, Granite Conservation & Development Rules,1999 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ । ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ତଥା ଚାଲଣ ସଂକ୍ରାନ୍ତୀୟ ସଠିକ୍ ବିବରଣୀ ତ୍ରୟମାସିକ ରିଟର୍ଣ୍ଣ Form-P ଏବଂ ବାର୍ଷିକ ରିଟର୍ଣ୍ଣ Form-K ରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଖଲ କରିବାକୁ ବାଧ୍ୟ ରହିବେ ।

୧୮. ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ସମ୍ବନ୍ଧୀୟ ଆଦେଶ ଗୁଡିକୁ ଲିଜଧାରୀ ମାନିବାକୁ ବାଧ୍ୟ । କ୍ଷମତାସମ୍ପନ୍ନ ଅଧିକାରୀ ଖଣି ପରିଦର୍ଶନ ସମୟରେ ଖାଦାନ ସମ୍ବନ୍ଧୀୟ ସମସ୍ତ ରେକର୍ଡ ତନଖି କରିପାରିବେ ।

୧୯. ଲିଜଧାରୀ ସୈରାତ ଉତ୍ସର ସୀମା ନକ୍ସା ଅନୁଯାୟୀ ୪ ଫୁଟର ଢଳେଇ ଖୁଣ୍ଟ (Concrete Pillar) ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ସହ ନାମ,ଲିଜଧାରୀଙ୍କ ନାମ ତଥା ସମ୍ପୂର୍ଣ୍ଣ ବିବରଣୀ ସହ ଲିଜର ଅବଧି ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ଲିଜଧାରୀ ନିଜ ଖର୍ଚ୍ଚରେ ବହନ କରିବେ । ପୁନଶ୍ଚ ଲିଜଧାରୀ ଖଣି ପରିଚାଳନା ଜନିତ କ୍ଷୟକ୍ଷତି ସର୍ବସାଧାରଣଙ୍କ ଜୀବନହାନୀ ବା କ୍ଷତାକ୍ତ ପାଇଁ ଆବଶ୍ୟକୀୟ କ୍ଷୟକ୍ଷତି ସରକାରଙ୍କୁ ଭରଣା କରିବାକୁ ଦାୟୀ ରହିବେ ।

୨୦. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ, କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ । ଏଥିରେ ଖିଲାପ ହେଲେ OMMC Rules,2016 ଅନୁଯାୟୀ ଦଣ୍ଡନୀୟ ହେବେ ।

୨୧. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାସମ୍ପନ୍ନ ଅଧିକାରୀଙ୍କର ରହିଅଛି । ଅନିବାର୍ଯ୍ୟ କାରଣବଶତଃ କ୍ଷମତାସମ୍ପନ୍ନ ଅଧିକାରୀ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲି କରିପାରିବେ ।

୨୨. ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଶ୍ରୀମନ୍ଦିର କାର୍ଯ୍ୟାଳୟ,ପୁରୀ/ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ଜଟଣୀ(ଛୁଟିଦିନ ବ୍ୟତୀତ) ଓ ଉପଜିଲ୍ଲାପାଳ,ଖୋରଧାଙ୍କ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.khordha.nic.in/ www.jagannath.nic.in (website) ରେ ଉପଲବ୍ଧ ହେବ ।

**ବି:ଦ୍ର:** ସୈରାତ ଉତ୍ସଗୁଡିକର ସାରଣୀ ଏଥି ସହିତ ସଂଲଗ୍ନ ହୋଇଅଛି ।

ଉପ-ଜିଲ୍ଲାପାଳ, ଖୋର୍ଦ୍ଧା-ତଥା-
ଷମତାସମ୍ପନ୍ନ ଅଧିକାରୀ

**ଜ୍ଞାପକ ସଂ** 2083(2) **ତା.** 5.3.2020

ଏହାର ଏକକିତା ନକଲ ପ୍ରଶାସକ,ଶ୍ରୀ ଜଗନ୍ନାଥ ମନ୍ଦିର,ପୁରୀ/ ଡେପୁଟି କଲେକ୍ଟର (ରାଜସ୍ୱ ଉପବିଭାଗ), ଜିଲ୍ଲାପାଳ କାର୍ଯ୍ୟାଳୟ,ଖୋରଧାଙ୍କୁ ଜିଲ୍ଲା website ରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

ଉପ-ଜିଲ୍ଲାପାଳ, ଖୋର୍ଦ୍ଧା-ତଥା-
ଷମତାସମ୍ପନ୍ନ ଅଧିକାରୀ

**ଜ୍ଞାପକ ସଂ** 2084(10) **ତା.** 5.3.2020

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ନୋଟିସ୍ ବୋର୍ଡ,ପୁରୀ/ଜିଲ୍ଲା କାର୍ଯ୍ୟାଳୟ ନୋଟିସ୍ ବୋର୍ଡ,ଖୋରଧା/ ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଖୋରଧା/ତହସିଲ କାର୍ଯ୍ୟାଳୟ,ଖୋରଧା ଓ ବେଗୁନିଆଙ୍କ ନୋଟିସ୍ ବୋର୍ଡ ଓ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ,ଜଟଣୀ ନୋଟିସ୍ ବୋର୍ଡ ଓ ଦୁଇଗୋଟି ଦୈନିକ ସମ୍ବାଦପତ୍ରରେ ବହୁଳ ଭାବେ ପ୍ରକାଶିତ କରିବା ପାଇଁ ପ୍ରେରଣ କରାଗଲା ।

ଉପ-ଜିଲ୍ଲାପାଳ, ଖୋର୍ଦ୍ଧା-ତଥା-
ଷମତାସମ୍ପନ୍ନ ଅଧିକାରୀ

**Statement showing Laterite and Moorum Quarries of Shree Jagannath Temple Administration,Puri to be auctioned**

| Sl No. | Name of the Village | Name of the Source & Long term lease | Khata No. | Plot No. | Area in | | Approved rate of Royalty per Cubm in Rs. (Laterite) | Approved rate of Royalty per Cubm in Rs. (Moorum) | MGQ per year in Cum (Laterite) | MGQ per year in Cum (Moorum) | Minimum amount of additonal charge per Cum. In Rs. (Laterite) | Minimum amount of additonal charge per Cum. In Rs. (Moorum) | E.M.D @ 5% of minimum amount of addl. Charge and amount of royalty of MGQ per year | Remarks |
|---|---|---|---|---|---|---|---|---|---|---|---|---|---|---|
| | | | | | Acre | Hectare | | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 | 15 |
| 1 | Dakhineswara | Dakhineswara(Ka) Laterite and Moorum Quarry | 536/3 | 238(P) | 7.950 | 3.22 | 180.00 | 35.00 | 7000 | 3500 | 10.00 | 5.00 | 1 20 750.00 | |
| 2 | Dakhineswara | Dakhineswara(Kha) Laterite and Moorum Quarry | 536/3 | 238(P) | 9.612 | 3.89 | 180.00 | 35.00 | 8500 | 4000 | 10.00 | 5.00 | 1 43 750.00 | |
| 3 | Dakhineswara | Dakhineswara(Ga) Laterite and Moorum Quarry | 536/3 | 234<br>229 | 19.912<br>1.700<br>21.612 | 8.75 | 180.00 | 35.00 | 20000 | 10000 | 10.00 | 5.00 | 3 45 000.00 | |
| 4 | Dakhineswara | Dakhineswara(Uan) Laterite and Moorum Quarry | 536/3 | 465<br>236 | 11.500<br>1.550<br>13.050 | 5.28 | 180.00 | 35.00 | 10000 | 5000 | 10.00 | 5.00 | 1 72 500.00 | |
| 5 | Dakhineswara | Dakhineswara(Cha) Laterite and Moorum Quarry | 536/3 | 242<br>243 | 1.450<br>9.150<br>10.600 | 4.29 | 180.00 | 35.00 | 9000 | 4800 | 10.00 | 5.00 | 1 58 700.00 | |
| 6 | Dakhineswara | Dakhineswara(Chha) Laterite and Moorum Quarry | 536/3 | 247 | 7.875 | 3.19 | 180.00 | 35.00 | 6500 | 3200 | 10.00 | 5.00 | 1 11 550.00 | |
| 7 | Dakhineswara | Dakhineswara(Ja) Laterite and Moorum Quarry | 536/3 | 248 | 6.750 | 2.73 | 180.00 | 35.00 | 5500 | 2800 | 10.00 | 5.00 | 95 450.00 | |
| 8 | Dakhineswara | Dakhineswara(Jha) Laterite and Moorum Quarry | 536/3 | 249(P) | 17.360 | 7.03 | 180.00 | 35.00 | 15000 | 7500 | 10.00 | 5.00 | 2 58 750.00 | |
| 9 | Dakhineswara | Dakhineswara(Nian) Laterite and Moorum Quarry | 536/3 | 249(P) | 20.765 | 8.4 | 180.00 | 35.00 | 16000 | 8000 | 10.00 | 5.00 | 2 76 000.00 | |

| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 | 15 |
|---|---|---|---|---|---|---|---|---|---|---|---|---|---|---|
| 10 | Nijagarhtapang | Nijagarhtapang(Ga) Laterite and Moorum Quarry | 832/1 | 2052(P) | 18.910 | 7.65 | 180.00 | 35.00 | 17000 | 8500 | 10.00 | 5.00 | 2 93 250.00 | |
| 11 | Nijagarhtapang | Nijagarhtapang(Gha) Laterite and Moorum Quarry | 832/1 | 2052(P) | 21.080 | 8.53 | 180.00 | 35.00 | 19000 | 9500 | 10.00 | 5.00 | 3 27 750.00 | |
| 12 | Nijagarhtapang | Nijagarhtapang(Uan) Laterite and Moorum Quarry | 832/1 | 834(P) | 15.730 | 6.37 | 180.00 | 35.00 | 14000 | 7000 | 10.00 | 5.00 | 2 41 500.00 | |
| 13 | Nijagarhtapang | Nijagarhtapang(Cha) Laterite and Moorum Quarry | 832/1 | 834(P) | 24.870 | 10.06 | 180.00 | 35.00 | 22000 | 11000 | 10.00 | 5.00 | 3 79 500.00 | |
| 14 | Nijagarhtapang | Nijagarhtapang(Chha) Laterite and Moorum Quarry | 832/1 | 834(P) | 18.460 | 7.47 | 180.00 | 35.00 | 16000 | 8000 | 10.00 | 5.00 | 2 76 000.00 | |
| 15 | Nijagarhtapang | Nijagarhtapang(Ja) Laterite and Moorum Quarry | 832/1 | 834(P) | 17.930 | 7.26 | 180.00 | 35.00 | 16000 | 8000 | 10.00 | 5.00 | 2 76 000.00 | |
| 16 | Jhinkijhari | Jhinkijhari(Ka) Laterite and Moorum Quarry | 600 | 1301 | 16.900 | 6.84 | 180.00 | 35.00 | 15000 | 7500 | 10.00 | 5.00 | 2 58 750.00 | |
| 17 | Jhinkijhari | Jhinkijhari(Kha) Laterite and Moorum Quarry | 557/7 | 1332(P) | 26.700 | 10.81 | 180.00 | 35.00 | 22000 | 11500 | 10.00 | 5.00 | 3 85 250.00 | |
| 18 | Jhinkijhari | Jhinkijhari(Ga) Laterite and Moorum Quarry | 600 | 1330(P) | 19.700 | 7.97 | 180.00 | 35.00 | 17000 | 8500 | 10.00 | 5.00 | 2 93 250.00 | |
| 19 | Narasinghaprasad | Narasinghaprasad(Kha) Laterite and Moorum Quarry | 377/6 | 205(P) | 19.520 | 7.9 | 180.00 | 35.00 | 18000 | 8500 | 10.00 | 5.00 | 3 04 750.00 | |
| 20 | Narasinghaprasad | Narasinghaprasad(Ga) Laterite and Moorum Quarry | 377/6 | 205(P) | 16.700 | 6.76 | 180.00 | 35.00 | 15000 | 7500 | 10.00 | 5.00 | 2 58 750.00 | |
| 21 | Chhatipur | Chhatipur Laterite and Moorum Quarry | 17 | 1503 | 14.000 | 5.67 | 180.00 | 35.00 | 12000 | 6000 | 10.00 | 5.00 | 2 07 000.00 | |
| 22 | Dhaulimuhan | Dhaulimuhan Laterite and Moorum Quarry | 667/15 | 107 | 30.550 | 12.36 | 180.00 | 35.00 | 25000 | 14000 | 10.00 | 5.00 | 4 48 500.00 | |

Sub Collector, Khordha &
Competent Authority